# NATIONAL NEWS BULLETIN (ODIA)

## 15 April - 2024

## Evening Bulletin : 7.15 p.m.

**********************************

## ମୁଖ୍ୟ ସମ୍ବାଦ

- ସୁପ୍ରିମ୍‌କୋର୍ଟ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିୱାଲଙ୍କ ପିଟିସନ୍ ଉପରେ ଏନ୍‌ଫୋର୍ସମେଣ୍ଟ ଡାଇରେକ୍ଟୋରେଟ୍‌କୁ ନୋଟିସ୍ ପଠାଇଛନ୍ତି ।
- ସନ୍ତ୍ରାସବାଦର ମୁକାବିଲା ପାଇଁ ଭାରତ-ଫ୍ରାନ୍ସ ମିଳିତ କାର୍ଯ୍ୟକାରି ଗୋଷ୍ଠୀର ଷୋଡ଼ଶ ବୈଠକ ଆଜି ନୂଆଦିଲ୍ଲୀରେ ଅନୁଷ୍ଠିତ ହୋଇଛି ।
- ଭାରତୀୟ ସେନାବାହିନୀର ଏକ କଣ୍ଟିଜେଣ୍ଟ ଉଜ୍‌ବେକିସ୍ତାନ ସହ ଏକ ମିଳିତ ସମରାଭ୍ୟାସରେ ଯୋଗଦେବାକୁ ସେଠାକୁ ଯାତ୍ରା କରିଛି ।
- ଚଳିତ ବର୍ଷ ଦେଶରେ ସ୍ୱାଭାବିକ ଠାରୁ ଅଧିକ ବର୍ଷା ହେବାର ପାଣିପାଗ ବିଭାଗ କହିଛି ।

ଏବଂ

- ଆଇପିଏଲ୍‌ର ଏକ ମ୍ୟାଚ୍‌ରେ ଆଜି ରୟାଲ୍ ଚାଲେଞ୍ଜର୍ସ ବେଙ୍ଗାଲୁରୁ' ସନ୍‌ରାଇଜର୍ସ ହାଇଦ୍ରାବଦ୍‌କୁ ଭେଟିବ ।

# ଏସ୍‌ସି-କେଜରିୱାଲ୍‌

ସୁପ୍ରିମ୍‌କୋର୍ଟ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିୱାଲଙ୍କ ପିଟିସନ୍ ଉପରେ ଏନ୍‌ଫୋର୍ସମେଣ୍ଟ ଡାଇରେକ୍ଟୋରେଟ୍‌କୁ ନୋଟିସ୍ ପଠାଇଛନ୍ତି । ଦିଲ୍ଲୀ ଅବକାରୀ ନୀତି ମାମଲାରେ ତାଙ୍କୁ ହାଜତରୁ ଖଲାସ କରିବା ବିଷୟ ଲୋଡ଼ି ଶ୍ରୀ କେଜରିୱାଲ ପିଟିସନ୍ ଦାଖଲ କରିଛନ୍ତି । ଆସନ୍ତା ୨୯ ତାରିଖରେ ସୁପ୍ରିମ୍‌କୋର୍ଟ ମାମଲାର ପୁନର୍ବାର ଶୁଣାଣି କରିବେ । ଇ.ଡି.ର ଜବାବକୁ ଅପେକ୍ଷା ନ କରି ମଧ୍ୟବର୍ତ୍ତିକାଳୀନ ରିହାତି ଦେବାକୁ ସୁପିମ୍‌କୋର୍ଟ୍ ମନା କରିଛନ୍ତି । ଜଷ୍ଟିସ୍ ସଞ୍ଜୀବ ଖାନ୍ନା ଓ ଦୀପଙ୍କର ଦତ୍ତଙ୍କ ଖଣ୍ଡପୀଠ ଆଜି ମାମଲାର ଶୁଣାଣି କରିଥିଲେ ।

ପୂର୍ବରୁ ଦିଲ୍ଲୀର ରାଉଜ୍ ଆଭେନ୍ୟୁ କୋର୍ଟ୍ ଶ୍ରୀ କେଜରିୱାଲଙ୍କୁ ୨୩ ତାରିଖ ପର୍ଯ୍ୟନ୍ତ ନ୍ୟାୟିକ ହାଜତକୁ ପଠାଇଥିଲେ । ଶ୍ରୀ କେଜରିୱାଲ ଭର୍ଚୁଆଲ୍ କନ୍‌ଫରେନ୍ସ ମାଧ୍ୟମରେ କୋର୍ଟ୍ ଶୁଣାଣିରେ ସାମିଲ ହୋଇଥିଲେ । ସହ ଅଭିଯୁକ୍ତ କେ. କବିତାଙ୍କ ନ୍ୟାୟିକ ହାଜତ ରହଣି ସମୟକୁ ମଧ୍ୟ ୨୩ ତାରିଖ ପର୍ଯ୍ୟନ୍ତ ସମ୍ପ୍ରସାରଣ କରାଯାଇଛି । କେଜରିୱାଲଙ୍କୁ ଏନ୍‌ଫୋର୍ସମେଣ୍ଟ ଡାଇରେକ୍ଟୋରେଟ୍ ମାର୍ଚ୍ଚ ୨୧ ତାରିଖରେ ଗିରଫ୍ କରିଥିଲା । ଏହାପରେ ତାଙ୍କୁ ରାଉଜ୍ ଆଭେନ୍ୟୁ କୋର୍ଟ୍‌ରେ ହାଜର କରାଯାଇଥିଲା । ଶ୍ରୀ କେଜରିୱାଲଙ୍କୁ ମାର୍ଚ୍ଚ ୨୮ ତାରିଖ ପର୍ଯ୍ୟନ୍ତ ଇ.ଡି. ହାଜତକୁ ପଠାଯାଇଥିଲା । ଇ.ଡି. ହାଜତରେ ତାଙ୍କର ରହଣି ସମୟକୁ ଏପ୍ରିଲ୍ ପହିଲା ପର୍ଯ୍ୟନ୍ତ ସମ୍ପ୍ରସାରଣ କରାଯାଇଥିଲା । ଏହାପରେ ତାଙ୍କୁ

ଆଜି ପର୍ଯ୍ୟନ୍ତ ନ୍ୟାୟିକ ହାଜତକୁ ପଠାଯାଇଥିଲା । ସେ ବର୍ତ୍ତମାନ ତିହାଡ଼ ଜେଲ୍‌ରେ ଅଛନ୍ତି ।

## ଇଣ୍ଡିଆ-ଫ୍ରାନ୍ସ ଟେରୋରିଜିମ୍

ସନ୍ତ୍ରାସବାଦର ମୁକାବିଲା ପାଇଁ ଭାରତ-ଫ୍ରାନ୍ସ ମିଳିତ କାର୍ଯ୍ୟକାରି ଗୋଷ୍ଠୀର ଷୋଡ଼ଶ ବୈଠକ ଆଜି ନୂଆଦିଲ୍ଲୀରେ ଅନୁଷ୍ଠିତ ହୋଇଛି । ବୈଠକ ସମୟରେ ଦୁଇପକ୍ଷ ସନ୍ତ୍ରାସବାଦୀ ଚ୍ୟାଲେଞ୍ଜ, ସନ୍ତ୍ରାସବାଦୀମାନଙ୍କ ଦ୍ୱାରା ନୂଆ ଓ ଅତ୍ୟାଧୁନିକ ବୈଷୟିକଜ୍ଞାନର ବ୍ୟବହାର, ସନ୍ତ୍ରାସବାଦୀ କାର୍ଯ୍ୟକଳାପ ପାଇଁ ଇଣ୍ଟରନେଟ୍‌ର ଅପବ୍ୟବହାର, ମୌଳବାଦ ଓ ସନ୍ତ୍ରାସବାଦୀ ଗୋଷ୍ଠୀ ଗୁଡ଼ିକୁ ଅର୍ଥ ଯୋଗାଣକୁ ପ୍ରତିହତ କରିବାକୁ ଆଲୋଚନା କରିଛନ୍ତି । ବୈଦେଶିକ ମନ୍ତ୍ରଣାଳୟ କହିଛି, ଭାରତ ବିରୋଧି ବିଚ୍ଛିନ୍ନତାବାଦୀ କାର୍ଯ୍ୟକଳାପ, ସନ୍ତ୍ରାସବାଦୀ ସଂଗଠନ ଗୁଡ଼ିକୁ ମିଳୁଥିବା ପାଣ୍ଠି ଯୋଗାଣ ବନ୍ଦ, ସଂଗଠିତ ଅପରାଧ ଓ ନିଶାଦ୍ରବ୍ୟ-ସନ୍ତ୍ରାସବାଦ ନେଟ୍‌ୱର୍କ ପ୍ରସଙ୍ଗ ମଧ୍ୟ ଆଲୋଚନାରେ ସ୍ଥାନ ପାଇଛି । ଉଭୟ ପକ୍ଷ ନିଜ ନିଜ ଅଞ୍ଚଳର ସନ୍ତ୍ରାସବାଦ ବିପଦ ଗୁଡ଼ିକ ବିଷୟରେ ମତର ଆଦାନପ୍ରଦାନ କରିଛନ୍ତି । ଏହା ମଧ୍ୟରେ ଦକ୍ଷିଣ ଏସିଆ, ଆଫ୍ରିକା ଓ ମଧ୍ୟପ୍ରାଚ୍ୟରେ ସୀମାପାର ସନ୍ତ୍ରାସବାଦ ଓ ଆଫ୍‌ଗାନିସ୍ତାନ-ପାକିସ୍ତାନ ଅଞ୍ଚଳରେ ଚାଲିଥିବା ସନ୍ତ୍ରାସବାଦୀ କାର୍ଯ୍ୟକଳାପ ପ୍ରସଙ୍ଗ ସ୍ଥାନ ପାଇଛି ।

ଭାରତୀୟ ପ୍ରତିନିଧି ଦଳର ନେତୃତ୍ୱ ବୈଦେଶିକ ମନ୍ତ୍ରଣାଳୟ ଯୁଗ୍ମ ସଚିବ କେ.ଡି. ଦିଓ୍ୱାଲ୍ ନେଇଥିବା ବେଳେ ଫ୍ରାନ୍ସ ପ୍ରତିନିଧି ଦଳର ନେତୃତ୍ୱ ରାଷ୍ଟ୍ରଦୂତ ଅଲିବାୟର୍ କାରୋନ୍ ନେଇଥିଲେ । ବୈଠକ ସମୟରେ ଭାରତୀୟ ପ୍ରତିନିଧି ଦଳ  ସନ୍ତ୍ରାସବାଦୀ କାର୍ଯ୍ୟକଳାପ ପାଇଁ ପାଣ୍ଠି ଯୋଗାଣ ନିଷ୍କ୍ରିୟ କରାଯିବା ଓ ଆର୍ଥିକ କ୍ରିୟାନୁଷ୍ଠାନ ଟାକ୍ସଫୋର୍ସ ଗଠନ ଉପରେ ମତାମତ ଦେଇଥିଲେ ।

## ଗୌହାଟୀ-ପିଏମ୍ ଭିଜିଟ୍

ବିଜେପି ନେତା ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ଗୌହାଟୀରେ ନିର୍ବାଚନ ପ୍ରଚାର କରିବେ । ପାର୍ଟି ସୂତ୍ରରୁ ମିଳିଥିବା ଖବର ଅନୁସାରେ ଆସନ୍ତାକାଲି ବୋରଝରଠାରେ ପହଞ୍ଚିବା ପରେ ପାର୍ଟି କର୍ମୀମାନେ ତାଙ୍କୁ ସ୍ୱାଗତ କରିବେ । ବୁଧବାର ଦିନ ସେ ନଲବାଡି ଠାରେ ଏକ ର୍‍ୟାଲିରେ ଉଦ୍‌ବୋଧନ ଦେବେ ।

କଂଗ୍ରେସ ନେତା ପ୍ରିୟଙ୍କା ଗାନ୍ଧି ଆସନ୍ତାକାଲି ଜୋରହାଟ୍ ଠାରେ ଏକ ରୋଡ୍ ଶୋ' କରିବେ । ଟି.ଏମ୍.ସି. ମୁଖ୍ୟ ମମତା ବାନାର୍ଜୀ ମଧ୍ୟ ଚଳିତ ସପ୍ତାହରେ ବାରାକ୍ ଉପତ୍ୟକାରେ ପ୍ରଚାର କରିବେ । ଆସାମରେ ତିନୋଟି ପର୍ଯ୍ୟାୟରେ ଲୋକସଭା ନିର୍ବାଚନ ହେଉଛି ।

## ଅନୁରାଗ ଠାକୁର-ଡାର୍ଜିଲିଙ୍ଗ୍

କେନ୍ଦ୍ରମନ୍ତ୍ରୀ ଅନୁରାଗ ଠାକୁର କହିଛନ୍ତି, ପଶ୍ଚିମବଙ୍ଗ ସରକାର ଲୋକମାନଙ୍କୁ କେନ୍ଦ୍ରୀୟ ଯୋଜନାର ଲାଭ ଦେଇ ନାହାନ୍ତି । ଦାର୍ଜିଲିଙ୍ଗ୍ ଲୋକସଭା ଆସନରେ ପାର୍ଟି ପ୍ରାର୍ଥୀଙ୍କ ସମର୍ଥନରେ ଏକ ସଭାରେ ଉଦ୍‌ବୋଧନ ଦେଇ ସେ କହିଛନ୍ତି, ବିଜେପି କ୍ଷମତାକୁ ଫେରିଲେ ଦାର୍ଜିଲିଙ୍ଗ୍ କ୍ରୀଡ଼ା ମୌଳିକଢାଞ୍ଚାର ବିକାଶ ପ୍ରତି ଚିନ୍ତା କରାଯିବ । ପୂର୍ବରୁ ସେ ସିଲିଗୁଡ଼ି ବ୍ୟବସାୟିକ ସମ୍ପ୍ରଦାୟ ସହ ବାର୍ତ୍ତାଳାପ କରିଥିଲେ ।

## ତୃଣମୂଳ କଂଗ୍ରେସ-ରିଆକ୍‌ସନ୍

କେନ୍ଦ୍ର ସରକାର ପଶ୍ଚିମବଙ୍ଗକୁ ପାଣ୍ଠି ଯୋଗାଇବା ବନ୍ଦ କରିଦେଇଥିବାର ତୃଣମୂଳ କଂଗ୍ରେସ ଦୋଷାରୋପ କରିଛି । ପାର୍ଟି ନେତା ଶଶି ପାଞ୍ଜା କହିଛନ୍ତି, ପଶ୍ଚିମବଙ୍ଗ ପୋଲିସ୍ ରାମେଶ୍ୱରମ୍ କାଫେ ବିସ୍ଫୋରଣ ଅଭିଯୁକ୍ତଙ୍କୁ ଗିରଫ୍ କରିଥିଲା ।  ପଶ୍ଚିମବଙ୍ଗ ସନ୍ତ୍ରାସବାଦ ବିରୁଦ୍ଧରେ ପଦକ୍ଷେପ ନେଉନାହିଁ ବୋଲି ବିଜେପି ନେତା ଅନୁରାଗ ଠାକୁରଙ୍କ ଦାବିକୁ ସେ ଖଣ୍ଡନ କରିଛନ୍ତି ।

## ଶୁଭେନ୍ଦୁ ଅଧିକାରୀ ବିଜେପି ମିଟିଂ

ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ନାଗରିକ ସଂଶୋଧନ ଆଇନ୍ ବିଷୟରେ ସାଧାରଣ ଲୋକଙ୍କୁ ବିଭ୍ରାନ୍ତ କରୁଥିବାର ବିଜେପି ନେତା ଶୁଭେନ୍ଦୁ ଅଧିକାରୀ ଦୋଷାରୋପ କରିଛନ୍ତି । କୁଚ୍ ବିହାର ଜିଲ୍ଲାର ଦିନ୍‌ହତା ଠାରେ ଏକ ସାଧାରଣ ସଭାରେ ଉଦ୍‌ବୋଧନ ଦେଇ ସେ କହିଛନ୍ତି, ତୃଣମୂଳ କଂଗ୍ରେସର ନେତାମାନେ ସନ୍ଦେଶଖାଲିରେ ଦଳିତ ମହିଳାମାନଙ୍କ ଉପରେ ଅତ୍ୟାଚାର କରିଛନ୍ତି । କୁଚ୍‌ବିହାରରେ ୧୯ ତାରିଖ ଦିନ ଜଲପାଇଗୁଡ଼ି ଓ ଅଲିପୁରଦୁଆର ସହ ନିର୍ବାଚନ ହେବ ।

## ମିଲିଟାରି-ଡଷ୍ଟଲିକ୍

ଭାରତୀୟ ସେନାବାହିନୀର ଏକ କଣ୍ଟିଜେଣ୍ଟ ଉଜ୍‌ବେକିସ୍ତାନ ସହ ଏକ ମିଳିତ ସମରାଭ୍ୟାସ – ଡଷ୍ଟଲିକ୍‌ରେ ଯୋଗଦେବାକୁ ସେଠାକୁ ଯାତ୍ରା କରିଛି । ଆଜିଠାରୁ ୨୮ ତାରିଖ ପର୍ଯ୍ୟନ୍ତ ଉଜ୍‌ବେକିସ୍ତାନର ତରମେଜ୍ ଠାରେ ପଞ୍ଚମ ଡଷ୍ଟଲିକ୍ ସମରାଭ୍ୟାସ୍ ଅନୁଷ୍ଠିତ ହେଉଛି ।

ପ୍ରତିରକ୍ଷା ମନ୍ତ୍ରଣାଳୟ କହିଛି, ଭାରତୀୟ କଣ୍ଟିଜେଣ୍ଟରେ ୬୦ ଜଣ କର୍ମଚାରୀ ଯାତ୍ରା କରିଛନ୍ତି । ଉଜ୍‌ବେକିସ୍ତାନରୁ ୧୦୦ ଜଣ ସାମରିକ ବାହିନୀ କର୍ମଚାରୀ ଏଥିରେ ଅଂଶଗ୍ରହଣ କରିବେ । ପାହାଡ଼ିଆ ଅଞ୍ଚଳ ଓ

ସହରାଞ୍ଚଳର ତଳିଆ ଅଞ୍ଚଳରେ  ମିଳିତ ସମରାଭ୍ୟାସ ପାଇଁ ସହଯୋଗ ବୃଦ୍ଧି ଏହି ସମରାଭ୍ୟାସର ମୁଖ୍ୟ ଉଦ୍ଦେଶ୍ୟ । ସମରାଭ୍ୟାସରେ ଶାରିକ ଦକ୍ଷତା, ମିଳିତ ଯୋଜନା, ମିଳିତ ସମରାଭ୍ୟାସ ଓ ଅସ୍ତ୍ରଶସ୍ତ୍ର ଦକ୍ଷତା ଭଳି କ୍ଷେତ୍ର ଉପରେ ଆଲୋକପାତ କରାଯିବ । ଏହି ସମରାଭ୍ୟାସ ଉଭୟ ପକ୍ଷକୁ ନିଜ ନିଜର ସର୍ବୋତ୍କୃଷ୍ଟ ଯୁଦ୍ଧକୌଶଳ ବିଷୟରେ ଅବଗତ ହେବାର ସୁଯୋଗ ଦେବ । ଡଷ୍ଟଲିକ୍ ସମରାଭ୍ୟାସ ପ୍ରତିବର୍ଷ ଅନୁଷ୍ଠିତ ହୋଇଥାଏ । ଏହା ଥରେ ଉଜ୍‌ବେକିସ୍ତାନରେ ଓ ଥରେ ଭାରତରେ ହୋଇଥାଏ । ଗତ ସମରାଭ୍ୟାସ ଉତ୍ତରାଖଣ୍ଡର ପିଥୋରାଗଡ଼ରେ ଅନୁଷ୍ଠିତ ହୋଇଥିଲା ।

## ଏନ୍‌ଏଚ୍‌ଆଇ-ୱାର୍କସପ୍

ଭାରତର ଜାତୀୟ ରାଜପଥ କର୍ତ୍ତୃପକ୍ଷ ନୂଆଦିଲ୍ଲୀରେ  ପରିବେଶ ଓ ଜଙ୍ଗଲ ମଞ୍ଜୁରୀ ସମ୍ବନ୍ଧୀୟ ଏକ ଦିନିକିଆ ଜାତୀୟ କର୍ମଶାଳାର ଆୟୋଜନ କରିଛି । ଦେଶର ଜାତୀୟ ରାଜପଥ ମୌଳିକଢାଞ୍ଚାର ସମ୍ପ୍ରସାରଣ ପାଇଁ ଏହା ଦୃଢ଼ ଭିତ୍ତିଭୂମି ଯୋଗାଇବ । ପ୍ରକଳ୍ପ ମଞ୍ଜୁରୀ ଓ ପରିବେଶ ଉପଯୋଗୀ ଜାତୀୟ ମୌଳିକଢାଞ୍ଚା ସ୍ଥାପନ ପାଇଁ ଯୋଜନା ପ୍ରସ୍ତୁତ ଉପରେ ଏଥିରେ ଆଲୋଚନା ହୋଇଛି ।

ଏନ୍.ଏଚ୍.ଏ.ଆଇ. ଚେୟାରମ୍ୟାନ୍ ସନ୍ତୋଷ ଯାଦବ ବନ୍ୟଜନ୍ତୁ କରିଡ଼ର, ଅମ୍ରିତ ସରୋବର, ବୃକ୍ଷରୋପଣ ଅଭିଯାନ ଓ ଜାତୀୟ ରାଜପଥ ନିର୍ମାଣ ପାଇଁ ବର୍ଜ୍ୟବସ୍ତୁର ବ୍ୟବହାର ଭଳି ସ୍ଥାୟୀ ମୌଳିକଢାଞ୍ଚା ନିର୍ମାଣ ଓ

ବିଭିନ୍ନ ପଦକ୍ଷେପ ଗ୍ରହଣ ସକାଶେ ଏନ୍.ଏଚ୍.ଏ.ଆଇ.ର ସଂକଳ୍ପବଦ୍ଧତାକୁ ଦୋହରାଇଛନ୍ତି ।

କର୍ମଶାଳାରେ ଉଦ୍‌ବୋଧନ ଦେଇ ଜଙ୍ଗଲ ମହାନିର୍ଦ୍ଦେଶକ ଜିତେନ୍ଦ୍ର କୁମାର ବିଭିନ୍ନ ବିଭାଗ ଗୁଡ଼ିକ ମଧ୍ୟରେ ମିଳିତ ଉଦ୍ୟୋଗ ଜରିଆରେ ଯୋଜନାକୁ ତ୍ୱରାନ୍ୱିତ କରିବା ପ୍ରତି ଗୁରୁତ୍ୱ ଦେଇଛନ୍ତି । ରାଜପଥ ନିର୍ମାଣରେ ପରିବେଶ ସୁରକ୍ଷାକୁ ଗୁରୁତ୍ୱ ଦେଇ ଏକ ଦୃଢ଼ ଭିତ୍ତିଭୂମି ସ୍ଥାପନ ପ୍ରତି ସେ ଆଲୋକପାତ କରିଛନ୍ତି । ସଡ଼କ, ପରିବହନ ଓ ରାଜପଥ ସଚିବ ଅନୁରାଗ ଜୈନ ପି.ଏମ୍. ଗତିଶକ୍ତି ଢାଞ୍ଚାର ବ୍ୟବହାର କରି ପ୍ରକଳ୍ପ ରିପୋର୍ଟରେ ଉନ୍ନତି ଆଣିବା ଓ ସହଯୋଗ ମୂଳକ ଆଭିମୁଖ୍ୟ ଗ୍ରହଣ କରିବାର ଆବଶ୍ୟକତାକୁ ଉଲ୍ଲେଖ କରିଛନ୍ତି ।

ଏନ୍.ଏଚ୍.ଏ.ଆଇ., ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ଏବଂ ସଡ଼କ ପରିବହନ ଓ ରାଜପଥ ମନ୍ତ୍ରଣାଳୟର ବହୁ ଅଫିସର୍ ଏଥିରେ ଅଂଶଗ୍ରହଣ କରିଥିଲେ ।

## ଆଇଏମ୍‌ଡି-ମନ୍‌ସୁନ୍

କୃଷକମାନଙ୍କ ପାଇଁ ଖୁସି ଖବର ସ୍ୱରୂପ ଚଳିତ ବର୍ଷ ଦେଶରେ ସ୍ୱାଭାବିକ ଠାରୁ ଅଧିକ ବର୍ଷା ହେବାର ସମ୍ଭାବନା ଅଛି । ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ସମ୍ବନ୍ଧରେ ନୂଆଦିଲ୍ଲୀରେ ସାମ୍ବାଦିକମାନଙ୍କୁ ସୂଚନା ଦେଇ

ଭୂବିଜ୍ଞାନ ସଚିବ ଡକ୍ଟର ଏମ୍. ରବିଚନ୍ଦ୍ରନ୍ କହିଛନ୍ତି, ଜୁନ୍‌ରୁ ସେପ୍ଟେମ୍ବର ମଧ୍ୟରେ ମୌସୁମୀ ବର୍ଷା ଶତକଡ଼ା ୧୦୬ ଭାଗ ହେବାର ଆଶା କରାଯାଉଛି । ତେବେ ସେ କହିଛନ୍ତି, ଉତ୍ତର ପୂର୍ବାଞ୍ଚଳର କିଛି ଅଞ୍ଚଳ, ପୂର୍ବ ଓ ଉତ୍ତର ପୂର୍ବାଞ୍ଚଳ ରାଜ୍ୟରେ ବର୍ଷା ସ୍ୱାଭାବିକ ଠାରୁ କମ୍ ହୋଇପାରେ ।

ଏହି ଅବସରରେ ଭାରତୀୟ ପାଣିପାଗ ବିଭାଗ ମହାନିର୍ଦ୍ଦେଶକ ମୃତ୍ୟୁଞ୍ଜୟ ମହାପାତ୍ର କହିଛନ୍ତି, ଜୁନ୍ ପହିଲାରୁ ସେପ୍ଟେମ୍ବର ୩୦ ତାରିଖ ମଧ୍ୟରେ ଦେଶରେ ହାରାହାରି ବର୍ଷା ୮୭ ସେଣ୍ଟିମିଟର ରହିବ । ବର୍ଷା ଋତୁର ପ୍ରାରମ୍ଭିକ ସମୟରେ ଏଲ୍ ନିନୋ ଅବସ୍ଥା ଦୁର୍ବଳ ହେବାର ସମ୍ଭାବନା ଅଛି । ସେ କହିଛନ୍ତି, ଭଲ ବର୍ଷା କରାଉଥିବା ଲା ନିନା ଅବସ୍ଥା ଅଗଷ୍ଟରୁ ସେପ୍ଟେମ୍ବର ମାସ ମଧ୍ୟରେ ବିକଶିତ ହେବ । ସେ କହିଛନ୍ତି, ୧୯୫୧ ମସିହାରୁ ୨୦୨୩ ମଧ୍ୟରେ ଉପଲବ୍ଧ ତଥ୍ୟରୁ' ଏଲ୍ ନିନୋ ଅବସ୍ଥା ପରେ ଯେତେବେଳେ ଲା ନିନା ଅବସ୍ଥା ଆସିଥାଏ ସେତେବେଳେ ଭାରତରେ ସ୍ୱାଭାବିକ ଠାରୁ ଅଧିକ ମୌସୁମୀ ବର୍ଷା ହେଉଥିବାର ନଅ ଥର ଦୃଷ୍ଟାନ୍ତ ରହିଛି ।

# ଆଇପିଏଲ୍

ବେଙ୍ଗାଲୁରୁର ଏମ୍. ଚିନ୍ନାସ୍ୱାମୀ ଷ୍ଟାଡିୟମ୍‌ରେ ଆଜି ରୟାଲ୍ ଚାଲେଞ୍ଜର୍ସ ବେଙ୍ଗାଲୁରୁ’ ସନ୍‌ରାଇଜର୍ସ ହାଇଦ୍ରାବଦ୍‌କୁ ଭେଟିବ । ଏହି ମ୍ୟାଚ୍ ସନ୍ଧ୍ୟା ୭ଟା ୩୦ ମିନିଟ୍‌ରେ ଖେଳାଯିବ । ପଏଣ୍ଟ ତାଲିକାରେ ସନ୍‌ରାଇଜର୍ସ ହାଇଦ୍ରାବଦ୍ ଚତୁର୍ଥ ସ୍ଥାନରେ ରହିଛି । ରୟାଲ୍ ଚାଲେଞ୍ଜର୍ସ ବେଙ୍ଗାଲୁରୁ ଟେବୁଲ୍‌ର ନିମ୍ନରେ ରହିଛି ।

ଗତକାଲି ଚେନ୍ନାଇ ସୁପରକିଙ୍ଗସ୍’ ମୁମ୍ବାଇ ଇଣ୍ଡିଆନ୍ସକୁ ୱାଙ୍ଖଡେ ଷ୍ଟାଡିୟମ୍‌ରେ ୨୦ରନ୍‌ରେ ପରାସ୍ତ କରିଥିବା ବେଳେ କୋଲକାତା ନାଇଟ୍ ରାଇଡର୍ସ୍’ ଲକ୍ଷ୍ନୌ ସୁପର ଜ୍ୟାଣ୍ଟସ୍‌କୁ ଇଡେନ୍ ଗାର୍ଡେନ୍‌ରେ ୮ ୱିକେଟ୍‌ରେ ପରାସ୍ତ କରିଥିଲା ।